208

II

Total No. of Questions – 16
Total No. of Printed Pages – 4

Regd. No.

## Part – II
## ODIA, Paper-II
### (Second Language)

Time : 3 Hours] [Max. Marks : 100

**ନିର୍ଦ୍ଦେଶ :** ପ୍ରତ୍ୟେକ ପ୍ରଶ୍ନର ଉତ୍ତର କ୍ରମାନ୍ୱୟ ଭାବରେ ଲେଖିବା ଉଚିତ । ଅନ୍ୟଥା ଉପଯୁକ୍ତ ନମ୍ବର ପାଇବାରୁ ବଞ୍ଚିତ ହେବେ ।

1. ଯେକୌଣସି **ଗୋଟିଏ** ପ୍ରଶ୍ନର ଦୀର୍ଘ ଉତ୍ତର **ଶହେ ପଚାଶ** (150)ଟି ଶବ୍ଦ ମଧ୍ୟରେ ପ୍ରଦାନ କର । **1 × 8 = 8**

   (କ) 'ସ୍ଥୂଳ କଳେବର ନୁହଇ ଅମର' ଅନୁସରଣରେ ରାଜଧର୍ମର ସ୍ୱରୂପ ବିଶ୍ଳେଷଣ କର ।

   (ଖ) 'ବିଶ୍ୱଜୀବନ ପଥେ' କବିତାରୁ ଗୋପବନ୍ଧୁଙ୍କ ମାନବ ପ୍ରୀତିର ପରିଚୟ ଦିଅ ।

2. ଯେକୌଣସି **ଗୋଟିଏ** ପ୍ରଶ୍ନର ଦୀର୍ଘ ଉତ୍ତର **ଶହେ ପଚାଶ** (150)ଟି ଶବ୍ଦ ମଧ୍ୟରେ ପ୍ରଦାନ କର । **1 × 8 = 8**

   (କ) 'କ୍ଷମା' ପ୍ରବନ୍ଧର ସାମାଜିକ ଆବେଦନ ବିଚାର କର ।

   (ଖ) ପଠିତ ପ୍ରବନ୍ଧରୁ ଭାରତୀୟ ସଂସ୍କୃତି ବିଷୟରେ ରାଜାଜୀଙ୍କ ଅଭିମତ ଉପସ୍ଥାପନ କର ।

3. ପୂର୍ବାପର ସଂପର୍କ ସୂଚାଇ କୋଣସି **ଗୋଟିଏର** ସରଳାର୍ଥ ଲେଖ । **1 × 4 = 4**

   (କ) ବିଷ ପ୍ରାୟେ ପ୍ରେମ ପ୍ରସଙ୍ଗେ
   ସଦା ଅରୁଚି ତାର,
   ପୁରୁଷ କଥାକୁ ଡ଼ରେ ସେ
   କରେ ଦୂରୁ ଜୁହାର ।

   (ଖ) ବଂଶ ପଛେ ଯାଉ ଜାତି ବୃଦ୍ଧି ପାଉ
   ସାଧ ଏ ଉଦାର ନୀତି
   କୋଣାର୍କ ଦେଉଳ ଗାଉ ଚିରକାଳ
   ତୁମ୍ଭ ପୁଣ୍ୟ ତ୍ୟାଗ–ଗୀତି ।

4. ପୂର୍ବାପର ସଂପର୍କ ସୂଚାଇ କୌଣସି **ଗୋଟିଏର** ସରଳାର୍ଥ ଲେଖ । **1 × 4 = 4**

(କ) ମନେ ହେଲା ପିଣ୍ଡରୁ ପ୍ରାଣ କାଢ଼ିନେବା ଯାହା, ଜାତିରୁ ମାତୃଭାଷାକୁ ବିଦୂରିତ କରିବା ତାହା ।

(ଖ) ତେଣୁ ନଈ, ଦେଶଦେଶକୁ ବାଙ୍କ ପରି, ଭୁଲର ସଂଜ୍ଞା ମଧ୍ୟ ଭିନ୍ନ ଭିନ୍ନ ଥିବାର ଦେଖାଯାଏ ।

5. ଯେକୌଣସି **ତିନୋଟି** ପ୍ରଶ୍ନର ଉତ୍ତର **ଦୁଇଟି** ବାକ୍ୟରେ ପ୍ରଦାନ କର । **3 × 2 = 6**

(କ) ଚନ୍ଦ୍ରଭାଗାର ଜନ୍ମ ସମ୍ବନ୍ଧରେ କ'ଣ କୁହାଯାଇଛି ?

(ଖ) ଦଧୀଚି କିଏ ? ତାଙ୍କ ଚରିତ ପୁରାଣ ବିଦିତ କାହିଁକି ?

(ଗ) କବିତାରେ ଡାହାଣୀ ଆଲୁଅ ସଂପର୍କରେ କ'ଣ କୁହାଯାଇଛି ?

(ଘ) ରାମଚନ୍ଦ୍ରଙ୍କୁ ସଂସାର କୁଳାଙ୍ଗାର କହିବ କାହିଁକି ?

6. ଯେକୌଣସି **ତିନୋଟି** ପ୍ରଶ୍ନର ଉତ୍ତର **ଦୁଇଟି** ବାକ୍ୟରେ ପ୍ରଦାନ କର । **3 × 2 = 6**

(କ) କେଉଁ ତିନୋଟି ସମ୍ବନ୍ଧ ଦ୍ୱାରା ଜାତି ଗଠିତ ହୋଇଛି ?

(ଖ) ଅପରାଧ ସଂପର୍କରେ ସାଧାରଣ ଲୋକଙ୍କ ବିଚାର କ'ଣ ?

(ଗ) ବାପା-ମା ଓ ଶିକ୍ଷକମାନଙ୍କୁ ଦେବତାମାନଙ୍କ ଦଶା ଭୋଗ କରିବାକୁ ପଡ଼ିବ ବୋଲି ଲେଖକ କହିଛନ୍ତି କାହିଁକି ?

(ଘ) 'ଜାତିର ଜୀବନ ଓ ସଂସ୍କୃତି' ପ୍ରବନ୍ଧରେ ଲେଖକ କେଉଁ କଥାକୁ ଭାରତୀୟମାନଙ୍କ ଦୁର୍ଦ୍ଦଶା ବୋଲି କହିଥିଲେ ?

7. ଯେକୌଣସି **ଦୁଇଟି** ପ୍ରଶ୍ନର ଉତ୍ତର **ଦୁଇଟି** ବାକ୍ୟରେ ପ୍ରଦାନ କର । **2 × 2 = 4**

(କ) ଅନାମ ମହାପାତ୍ରଙ୍କୁ କ'ଣ ଅନ୍ଧାର ଦେଖାଯାଉଥିଲା ?

(ଖ) ରାଓଙ୍କୁ କିଏ, କାହିଁକି ନିରୀହ ବୋଲି ମନେ ହେଲେ ?

(ଗ) ଗଦେଇ କାହାକୁ ଓ କାହିଁକି ହାତ ବଢ଼ାଏ ?

8. ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର **ଗୋଟିଏ** ବାକ୍ୟରେ ପ୍ରଦାନ କର । **5 × 1 = 5**

(କ) ଆଧୁନିକ ଓଡ଼ିଆ ସାହିତ୍ୟର ଯୁଗପ୍ରବର୍ତ୍ତକ ସ୍ରଷ୍ଟା ବୋଲି କାହାକୁ କୁହାଯାଉଛି ?

(ଖ) 'ଧର୍ମପଦର ଆତ୍ମଲିପି' କବିତାର କବି କିଏ ?

(ଗ) 'ଗ୍ରାମ୍ୟ ଶ୍ମଶାନ' କବିତାଟି କେଉଁ କାବ୍ୟ ଗ୍ରନ୍ଥରୁ ଗୃହୀତ ?

(ଘ) 'ବିଧୁରା-ବସ୍ତ୍ର-ହରା' କିଏ ?

(ଙ) କେଉଁ ବାକ୍ୟକୁ ଗଙ୍ଗାଧର ମେହେରଙ୍କ ଶ୍ରେଷ୍ଠକୃତି ବୋଲି କୁହାଯାଏ ?

9. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର **ଗୋଟିଏ** ବାକ୍ୟରେ ପ୍ରଦାନ କର । **5 × 1 = 5**

(କ) ବିଶ୍ୱନାଥ କର କେଉଁ ବ୍ୟବସ୍ଥାପକ ସଭାର ପ୍ରତିନିଧି ଥିଲେ ?

(ଖ) ତୁମ ପଠିତ ପ୍ରବନ୍ଧରେ 'ମହତ୍ତର ପ୍ରତିହିଂସା' ବୋଲି କାହାକୁ କୁହାଯାଇଛି ?

(ଗ) ଆମ ବାହାଘର ହାତଗଣ୍ଠି ନୁହେଁତ ଆଉ କ'ଣ ?

(ଘ) ମହାଦାନୀ ବଳି କାହାର ପୁତ୍ର ?

(ଙ) ଗୋଲୋକ ବିହାରୀ ଧଳଙ୍କ ତୁମ ପଠିତ ପ୍ରବନ୍ଧ ?

10. ଯେକୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର **ଶହେ ପଚାଶ (150)ଟି** ଶବ୍ଦ ମଧ୍ୟରେ ପ୍ରଦାନ କର । **1 × 10 = 10**

(କ) ବେଣୁଧର ମଧ୍ୟରେ ଏ ଜାତି କିପରି ବଞ୍ଚିଛି, ପଠିତ ଗଳ୍ପ ଅବଲମ୍ବନରେ ବିଚାର କର ।

(ଖ) 'ଅନେକ ସ୍ମିତହସ' ଗଳ୍ପରୁ ରାଓଙ୍କ ଚରିତ୍ର ଅନୁଶୀଳନ କର ।

11. ଯେକୌଣସି **ଗୋଟିଏ** ବିଷୟରେ ପ୍ରବନ୍ଧ ଲେଖ । **1 × 12 = 12**

(କ) ସାଂପ୍ରତିକ ସମାଜରେ ଚଳବାଣି (cell phone)ର ଆବଶ୍ୟକତା ଓ ତାହାର କୁପରିଣାମ ।

(ଖ) ସ୍ୱଚ୍ଛଭାରତ

(ଗ) ଛାତ୍ର ଓ ରାଜନୀତି

12. କୌଣସି **ପାଞ୍ଚଟିର** ସଂକ୍ଷେପଣ କର । **5 × 1 = 5**

| | |
|---|---|
| ଜୟ କରିବାର ଇଚ୍ଛା ; | ଶକ୍ତିଙ୍କର ଉପାସକ ; |
| ନ୍ୟାୟଶାସ୍ତ୍ରରେ ପଣ୍ଡିତ ; | ଯିଏ ହରଣ କରେ ; |
| ଦ୍ୱୀପରେ ଜାତ ପୁତ୍ର ; | ଭାଷାମାନଙ୍କର ରାଜା ; |
| ପୃଥବୀ ସମ୍ବନ୍ଧୀୟ ; | ଅର୍ଥ ଅଛି ଯହିଁରେ |

13. କୌଣସି **ପାଞ୍ଚଟିର** ଦୁଇଟି ଲେଖାଏଁ ସମାନାର୍ଥକ ଶବ୍ଦ (ପ୍ରତିଶବ୍ଦ) ଲେଖ । **5 × 1 = 5**

ପାଦପ, ଭୂବନ, ଅହି, ବାରିଧି, ଯାମିନୀ, ଜୀମୂତ, ସାରସ, ସୁମନ

14. କୌଣସି **ପାଞ୍ଚଟିର** ଭ୍ରମ ସଂଶୋଧନ କର । **5 × 1 = 5**

ଉତ୍ୟକ୍ତ, ନିର୍ଦ୍ଧନୀ, ଧୃବ, ଉର୍ଦ୍ଧ, ଆଶ୍ରୀବାଦ, ସମ୍ମାନୀୟ, ଯାତାୟତ, ବିସମ

15. କୌଣସି **ପାଞ୍ଚଟିର** ଅର୍ଥଗତ ପାର୍ଥକ୍ୟ ଲେଖ । **5 × 1 = 5**

ଶାପ – ସାପ, ବନ୍ଦନ – ବନ୍ଧନ

ନିକ୍ଷତ – ନିସତ, ଜମକ – ଯମକ

ଚ଼ରିତ – ଚ଼ରିତ୍ର, ଗୁଣି – ଗୁଣୀ

ଆବରଣ – ଆଭରଣ, ଦିନ – ଦୀନ

16. ଓଡ଼ିଆରେ ଅନୁବାଦ କର । **1 × 8 = 8**

Rabindranath Tagore was a great poet, who won the Nobel prize for Literature. His songs have special charm and appeal for children. One of his songs "Jana Gana Mana" become the National Anthem of India after Independence. 'Santi Niketan' a school founded by him, become 'Viswa Bharati', an international university standing for world – unity and equality of all religions.